# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 July – 2025

*********************************

## ମୁଖ୍ୟ ସମ୍ବାଦ

- ସଂସଦର ମୌସୁମୀ ଅଧିବେଶନ ଆଜିଠାରୁ ହେଲା ଆରମ୍ଭ

– ହଟ୍ଟଗୋଳ ଯୋଗୁଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଲୋକସଭା ମୁଲତବୀ

- ଗୃହକାର୍ଯ୍ୟରେ ସହଯୋଗ ପାଇଁ ବିଭିନ୍ନ ରାଜନୈତିକ ଦଳର ସଦସ୍ୟଙ୍କୁ ଅନୁରୋଧ କଲେ ପ୍ରଧାନମନ୍ତ୍ରୀ

- ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ ମାନସ ରଞ୍ଜନ ପାଠକ

- ରାଜ୍ୟରେ ଆସନ୍ତା ବର୍ଷ ସୁଦ୍ଧା ପ୍ରତି ପଞ୍ଚାୟତରେ ବହୁମୁଖୀ ପ୍ୟାକ୍ସ ଖୋଲିବା ନେଇ ସରକାରଙ୍କ ନିଷ୍ପତ୍ତି

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ସମ୍ଭାବନା

***Desk***

# ଲୋକସଭା-ଆଡ୍‌ଜର୍ଣ୍ଣ

ସଂସଦର ମୌସୁମୀ ଅଧିବେଶନ ଆଜି ଆରମ୍ଭ ହୋଇଛି । ପ୍ରଥମ ଦିନରେ ଲୋକସଭାକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଅପରେସନ ସିନ୍ଦୂର ଏବଂ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହୋହଲ୍ଲା କରାଯିବା ଫଳରେ ବାଚସ୍ପତି ପ୍ରଥମେ ଦିନ ୧୨ଟା ଓ ପରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ଆଲୋଚନାର ବିଭିନ୍ନ ପ୍ରସଙ୍ଗ ନେଇ ଆଜି ଅପରାହ୍ନରେ କାର୍ଯ୍ୟ ପରାମର୍ଶଦାତା କମିଟିର ବୈଠକ ବସିବ । ସରକାର ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବା ଲାଗି ପ୍ରସ୍ତୁତ ଅଛନ୍ତି । ବିରୋଧୀ ସାଂସଦମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବା ଶୋଭନୀୟ ନୁହେଁ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ତଥା ଲୋକସଭାର ଉପନେତା ରାଜନାଥ ସିଂହ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଯେକୌଣସି ପ୍ରସଙ୍ଗ ଉପସ୍ଥାପନ କରାଯିବ, ତାହା ଉପରେ ଆଲୋଚନା ଲାଗି ସରକାର ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ତେବେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ଜାରି ରହିବା

ଫଳରେ ଲୋକସଭାକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା ।

ଆଜି ପୂର୍ବାହ୍ନ ୧୧ଟା ବେଳେ ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ୮ ଜଣ ପୂର୍ବତନ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଏୟାରଇଣ୍ଡିଆ ବିମାନ ଦୁର୍ଘଟଣାର ମୃତକଙ୍କ ପ୍ରତି ମଧ୍ୟ ଗୃହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଆଜି ଲୋକସଭାରେ ଆୟକର ବିଲ୍-୨୦୨୫ ଉପରେ ଚୟନ କମିଟିର ରିପୋର୍ଟ ଉପସ୍ଥାପନ କରିଛନ୍ତି। ଟିକସ ବ୍ୟବସ୍ଥାକୁ ସରଳ ଏବଂ ସ୍ୱଷ୍ଟ କରିବା ପାଇଁ କମିଟି ୨୮୫ଟି ସୁପାରିସ ଦାଖଲ କରିଥିଲା।

# ପିଏମ୍-ସେସନ୍

ସଂସଦର ଚଳିତ ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ସଂସଦର ଚଳିତ ମୌସୁମୀ ଅଧିବେଶନ ସଦସ୍ୟମାନଙ୍କର ମୂଲ୍ୟବାନ ଆଲୋଚନା ଦ୍ୱାରା ଫଳପ୍ରଦ ହେବା ସହ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବ। ଏହି ଅଧିବେଶନ କାଳ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ

ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନଙ୍କୁ ଗୃହକାର୍ଯ୍ୟରେ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ।

**V/O**

ପ୍ରଧାନମନ୍ତ୍ରୀ କହିଛନ୍ତି, ସାରା ବିଶ୍ୱ ଭାରତର ପ୍ରତିରକ୍ଷା ଶକ୍ତିକୁ ଦେଖିଛି । ଅପରେସନ ସିନ୍ଦୂର ସମୟରେ ସନ୍ତ୍ରାସବାଦୀଙ୍କ ଶିବିରକୁ ଧ୍ୱଂସ କରି ଭାରତୀୟ ସେନାବାହିନୀ ଶତପ୍ରତିଶତ ସଫଳତା ହାସଲ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ସନ୍ତ୍ରାସବାଦ ହେଉ କି ନକ୍ସଲବାଦ ହେଉ ଭାରତ ବିଭିନ୍ନ ହିଂସାତ୍ମକ ଆହ୍ୱାନକୁ ସଫଳତାର ସହିତ ମୁକାବିଲା କରିଛି । ଦେଶରେ ନକ୍ସଲ କାର୍ଯ୍ୟକଳାପ ହ୍ରାସ ପାଇଛି ।

ପ୍ରତିରକ୍ଷା କ୍ଷେତ୍ରରେ ଚାଲିଥିବା ଗବେଷଣା ଓ ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ୟୁପିଆଇ ବ୍ୟବସ୍ଥା ବିଭିନ୍ନ ଦେଶରେ ଲୋକପ୍ରିୟ ହେବା ସହ ଡିଜିଟାଲ୍ ଭାରତ ଏବେ ବିଶ୍ୱରେ ପ୍ରଭାବ ପକାଇଛି ।

**V/O-PM UPI**

୨୦୨୪ ମସିହା ପୂର୍ବରୁ ବିଶ୍ୱ ଅର୍ଥନୀତିରେ ଭାରତର ସ୍ଥାନ ୧୦ ନମ୍ବରରେ ଥିଲାବେଳେ ଏବେ ତୃତୀୟ ଅର୍ଥନୀତିରେ ପହଞ୍ଚିବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

*CTC*

## ବିଚାରପତିଙ୍କ ଶପଥପାଠ

ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟର ନୂତନ କୋଠାରେ ଥିବା ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିସ ଟଣ୍ଡନ' ଜଷ୍ଟିସ ପାଠକଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ବିଚାରପତି ପାଠକଙ୍କ ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତି ଗତ ସୋମବାର ପ୍ରକାଶ ପାଇଥିଲା। ମଇ ମାସ ୨୬ ତାରିଖରେ ସୁପ୍ରିମକୋର୍ଟର କଲେଜିୟମ ବୈଠକରେ ହୋଇଥିବା ସୁପାରିସ ଅନୁଯାୟୀ ଗୌହାଟୀ ହାଇକୋର୍ଟର ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ବଦଳି ପାଇଁ ସୁପାରିସ କରାଯାଇଥିଲା। ବିଚାରପତି ପାଠକ ୨୦୧୩ ମସିହା ମଇ ୨୨ ତାରିଖରେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଏବଂ ୨୦୧୮ ମସିହା ନଭେମ୍ବର ୧୨ ତାରିଖରୁ ସେଠାରେ ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟ କରିଆସୁଥିଲେ।

*Desk*

## ବହୁମୁଖୀ ପ୍ୟାକ୍ସ

ରାଜ୍ୟରେ ଆସନ୍ତା ବର୍ଷ ସୁଦ୍ଧା ପ୍ରତି ପଞ୍ଚାୟତରେ ବହୁମୁଖୀ ପ୍ୟାକ୍ସ ଖୋଲାଯିବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ଏହି ବହୁମୁଖୀ ପ୍ୟାକ୍ସ ମାଧ୍ୟମରେ ଗ୍ରାମାଞ୍ଚଳରେ ଏଲ୍‌ପିଜି ଗ୍ୟାସ ବିତରଣ,

ଜନସେବା କେନ୍ଦ୍ର, ଜନଔଷଧୀ, ଓମଫେଡ୍ ଷ୍ଟୋର୍ ଓ ପେଟ୍ରୋଲ ପମ୍ପ ଖୋଲାଯାଇପାରିବ। ବ୍ୟାଙ୍କ ସୁବିଧା ନ ଥିବା ଗ୍ରାମଗୁଡ଼ିକରେ ନୂତନ ବ୍ୟାଙ୍କ ଖୋଲାଯିବ ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି।

**- V/O -**

***Desk***

# ବଳଙ୍ଗା ପୀଡିତା

ପୁରୀ ଜିଲ୍ଲା ବଳଙ୍ଗାରେ ଘଟିଥିବା ଅଘଟଣର ତଦନ୍ତ ପାଞ୍ଚ ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ଦ୍ୱାରା ଆରମ୍ଭ ହୋଇଛି। କ୍ରାଇମବ୍ରାଞ୍ଚ ଟିମ୍ ସ୍ଥାନୀୟ ଥାନାରେ ପହଁଞ୍ଚି ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରୁଛନ୍ତି। ଏହାସହ ପୀଡ଼ିତାଙ୍କ ବାସଭବନ ଓ ଉଦ୍ଧାର କରିଥିବା ବ୍ୟକ୍ତିବିଶେଷଙ୍କୁ ପଚରାଉଚରା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିବା ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ ପକ୍ଷରୁ ସୂଚନା ମିଳିଛି । ଏମ୍ସ ପକ୍ଷରୁ ଜାରି ବିବୃତ୍ତି ଅନୁଯାୟୀ ପୀଡିତାଙ୍କୁ ବର୍ଣ୍ଣ ଏବଂ ପ୍ଲାଷ୍ଟିକ ସର୍ଜରୀ ବ୍ଲକରେ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି । ସେ ଅକ୍ସିଜେନ ସହାୟତାରେ ରହିଥିବା କୁହାଯାଇଛି । ପୀଡିତାଙ୍କୁ ଦିଲ୍ଲୀ ସ୍ଥାନାନ୍ତର କରିବା ପୂର୍ବରୁ ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ ପୀଡିତାଙ୍କ ହୃଦରୋଗ ଚିକିତ୍ସା ଆବଶ୍ୟକ ବୋଲି କହିଥିଲେ ।

***HS***

# ବିଦ୍ୟାଳୟ ସମ୍ମିଶ୍ରଣ

ରାଜ୍ୟରେ ବିଦ୍ୟାଳୟ ସମ୍ମିଶ୍ରଣ ଦ୍ୱାରା ବନ୍ଦ ହୋଇଥିବା ୪୬ଟି ସ୍କୁଲ ଖୋଲାଯାଇଥିବା ବେଳେ ଆଉ ଚାରୋଟି ସ୍କୁଲ ଖୋଲିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଢେଙ୍କାନାଳ ଜିଲ୍ଲାର ସର୍ବାଧିକ ୨୨ଟି ସ୍କୁଲ, ଦେବଗଡ଼ର ୧୦ଟି, ବରଗଡ଼ରେ ୭ଟି ଓ ଖୋର୍ଦ୍ଧାରେ ୩ଟି ସ୍କୁଲ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟର ଭିତ୍ତିଭୂମିକୁ ମରାମତି କରାଯାଇ ତୁରନ୍ତ ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଛାତ୍ରଛାତ୍ରୀଙ୍କ କମ୍ ଉପସ୍ଥାନ ଯୋଗୁଁ ରାଜ୍ୟର ପ୍ରାୟ ୭ ହଜାର ୭୫୧ଟି ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

***Desk***

## ପେଟ୍ରୋଲ ବିକ୍ରି ବୈଠକ

ରାଜ୍ୟରେ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ, ଡିଜେଲ ନ ଦେବା ପ୍ରସଙ୍ଗକୁ ନେଇ ଆଜି ନୂତନ ମାର୍ଗଦର୍ଶିକା ଜାରି କରାଯିବ। ଏ ନେଇ ଭୁବନେଶ୍ୱର ଲୋକସେବା ଭବନରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟାରେ ବୈଠକ ଅନୁଷ୍ଠିତ ହେବ। ବୈଠକରେ ପେଟ୍ରୋଲ ପମ୍ପ ସଂଘ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। କୃଷକ ଓ ନୌକା ଚାଳକ ଜେନେରେଟର ପାଇଁ କିପରି ତେଲ ପାଇବେ ସେ ନେଇ ବୈଠକରେ ଆଲୋଚନା କରାଯିବ।

***Koraput***

## ପ୍ରକଳ୍ପ ନିର୍ମାଣ

କୋରାପୁଟ ଜିଲ୍ଲାର ବିକାଶ ତଥା ଉନ୍ନତିକରଣ ପାଇଁ ଆଜି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ୩୩୭ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ୧୬୩ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ରଘୁରାମ ମାଛ, ରୁପ ଭତ୍ରା, ଜିଲ୍ଲାପାଳ ଭି.କୀର୍ତ୍ତିଓ୍ୱାଶନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

***BHK***

## କୌଶଳ ଶିକ୍ଷା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ହାଇସ୍କୁଲରେ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଆପଦକାଳୀନ କୌଶଳ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ବାହିନୀର ଅଧିକାରୀ ଓ କର୍ମଚାରୀମାନେ ବନ୍ୟା, ବାତ୍ୟା ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିରେ ସୁରକ୍ଷା କୌଶଳ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିଥିଲେ।

***BHK/Nayagarh***

## ଶୈବପୀଠ- ଜଳଲାଗି

ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଅବସରରେ ଆଜି ରାଜ୍ୟ ବିଭିନ୍ନ ଶୈବପୀଠରେ କାଉଡ଼ିଆମାନେ ଜଳଲାଗି କରିଛନ୍ତି। ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ସମେତ ପୁରୀର ଲୋକନାଥ, କଟକର ଧବଳେଶ୍ୱର,

ଭଦ୍ରକର ଆଖଣ୍ଡଳମଣି ଢେଙ୍କାନାଳର କପିଳାସ, କୋରାପୁଟର ଗୁପ୍ତେଶ୍ୱର ଆଦି ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

ଭଦ୍ରକ ଜିଲ୍ଲାର ଆରଡ଼ିସ୍ଥିତ ଆଖଣ୍ଡଳମଣିଙ୍କ ପୀଠରେ  ହଜାର ହଜାର ବୋଲବମ୍ ଭକ୍ତମାନେ ଜଳାଭିଷେକ କରିଥିଲେ । ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ।

ନୟାଗଡ଼ ଜିଲ୍ଲା ଶରଣକୂଳର ଲଡୁବାବାଙ୍କ ପୀଠରେ କାଉଡ଼ିଆମାନେ ଜଳଲାଗି କରିଛନ୍ତି ।

***Desk***

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ସହ ଦକ୍ଷିଣ ଓଡିଶା ଓ ଉପକୂଳ ଆନ୍ଧ୍ରପ୍ରଦେଶ ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ଦକ୍ଷିଣ ଓଡିଶାର ଅନେକ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆସନ୍ତା ୨୪ଘଣ୍ଟା ମଧ୍ୟରେ ୧୧ଟି ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।